## ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି
## ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬

ଭୁବନେଶ୍ୱର, ୨୩ ଜୁନ୍ ୨୦୨୬:

ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତା ଜୁନ୍ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ "୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬" ଅନୁଷ୍ଠିତ ହେବାକୁ ଯାଉଛି। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି।




ଏହି ଚାମ୍ପିୟନସିପ୍‌ଟି ଚଳିତ ବର୍ଷ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ (କ୍ୱାଲିଫାୟର୍) ଅଟେ। ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି। ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି, ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଏବଂ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ।

ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶାର ପ୍ରମୁଖ ଖେଳାଳି ଯେପରିକି ଜାଭେଲିନ୍ ତାରକା କିଶୋର ଜେନା, ଦୌଡ଼ରାଣୀ ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରସାନ୍ତି ସାହୁ ଏବଂ ସବିତା ଟପ୍ପୋଙ୍କ ଉପରେ ସମସ୍ତଙ୍କ ନଜର ରହିବ।

ଏହି ଭବ୍ୟ ଆୟୋଜନ ଓଡ଼ିଶାକୁ କ୍ରୀଡ଼ା କ୍ଷେତ୍ରରେ ଏକ ଅଗ୍ରଣୀ ସ୍ଥାନ ଭାବେ ପୁଣିଥରେ ପ୍ରତିଷ୍ଠିତ କରିବ। ଚଳିତ ବର୍ଷ ଅଗଷ୍ଟ ୨୨ ତାରିଖରେ ଓଡ଼ିଶା 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର୍ ମିଟ୍' ମଧ୍ୟ ଆୟୋଜନ କରିବାକୁ ଯାଉଛି।

ଅଭିନାଶ ସାଗର
ଲୋକ ସମ୍ପର୍କ ଅଧିକାରୀ